www.prameyanews.com
ପ୍ରମେୟ
THE PRAMEYA
PRINTED AT BHUBANESWAR SAMBALPUR JAJPUR
ୟୁରୋ ଚାମ୍ପିଅନସିପ୍
EURO2016 FRANCE
VOLUME 6 • ISSUE 80 • BHUBANESWAR • THURSDAY • 30 JUNE 2016 • ଭୁବନେଶ୍ୱର • ଗୁରୁବାର • ୩୦ ଜୁନ୍ ୨୦୧୬ • 28 PAGES ₹4.00

ରିଜିଓନାଲ କଲେଜ ଅଫ ମ୍ୟାନେଜମେଣ୍ଟ

୧୯୮୨ ମସିହାରେ ସ୍ଥାପିତ ହୋଇଥିବା ରିଜିଓନାଲ୍ କଲେଜ ଅଫ୍ ମ୍ୟାନେଜମେଣ୍ଟ (ଆର୍‌ସିଏମ୍) ଓଡ଼ିଶାର ପ୍ରଥମ ମ୍ୟାନେଜମେଣ୍ଟ୍ କଲେଜ୍ । ଏହା ଓଡ଼ିଶା ସରକାର ଏବଂ ବିଜୁ ପଟ୍ଟନାୟକ ୟୁନିଭରସିଟି ଅଫ୍ ଟେକ୍ନୋଲୋଜି ଦ୍ୱାରା ସ୍ୱୀକୃତିପ୍ରାପ୍ତ ତଥା ଅଲ୍ ଇଣ୍ଡିଆ କାଉନ୍‌ସିଲ୍ ଫର୍ ଟେକ୍ନିକାଲ୍ ଏଜୁକେସନ୍ ଦ୍ୱାରା ମଧ୍ୟ ଅନୁମୋଦିତ । ଏହି ଅନୁଷ୍ଠାନ ଦୁଇବର୍ଷିଆ ଫୁଲ୍‌ଟାଇମ୍ ପାଠ୍ୟକ୍ରମ ଯଥା ପିଜିଡିଏମ୍, ଏମ୍‌ବିଏ, ଏମ୍‌ଏସି, ଏମ୍‌ଟିଏ ଏବଂ ତିନିବର୍ଷିଆ ପାଠ୍ୟକ୍ରମ ଯଥା: ବିସିଏ, ବିବିଏ ଏବଂ ଏମ୍‌ସିଏ ପ୍ରୋଗ୍ରାମ ପ୍ରଦାନ କରୁଅଛି ।

ଆର୍‌ସିଏମ୍ ଅନ୍ତର୍ଜାତୀୟ ସ୍ତରରେ ଆକ୍ରିଡିଏସନ୍ କାଉନ୍‌ସିଲ୍ ଫର୍ ବିଜିନେସ୍ ସ୍କୁଲ୍ ଆଣ୍ଡ ପ୍ରୋଗ୍ରାମ (ଏସିବିଏସ୍‌ପି) ୟୁଏସ୍ଏ ଦ୍ୱାରା ମାନ୍ୟତାପ୍ରାପ୍ତ, ଯିଏକି ପୃଥିବୀର ଏକ ଅଗ୍ରଣୀ ବିଶ୍ୱବିଦ୍ୟାଳୟ । ଆର୍‌ସିଏମ୍ ଭାରତରେ ଦ୍ୱିତୀୟ ଅନୁଷ୍ଠାନ ଏବଂ ଦକ୍ଷିଣ ଏସିଆ ମହାଦେଶରେ ତୃତୀୟ ଅନୁଷ୍ଠାନ ଅଟେ । ଯିଏକି ଶିକ୍ଷାର ଗୁଣବତ୍ତା ଏବଂ ସମ୍ମାନ ନିମନ୍ତେ ଏହି ଅସାଧାରଣ ପ୍ରତିଷ୍ଠିତ ଗୌରବର ଭାଜନ ହୋଇପାରିଛି । ଜାତୀୟ ସ୍ତରରେ ଆର୍‌ସିଏମ୍ ନ୍ୟାସ୍‌ନାଲ୍ ବୋର୍ଡ ଅଫ୍ ଆକ୍ରିଡିଏସନ୍, ଏଆଇସିଟିଇ ଏନ୍‌ବିଏ ତଥା ୟୁଜିସିର ନ୍ୟାସ୍‌ନାଲ ଆସେସ୍‌ମେଣ୍ଟ ଅଫ୍ କାଉନସିଲ୍ (ଏନ୍‌ଏଏସି) ଦ୍ୱାରା ଅନୁମୋଦିତ ଅଟେ । ଏହା ଆଇଏସ୍‌ଓ-୯୦୦୧-୨୦୦୮ କ୍ୱାଲିଟିଯୁକ୍ତ ସାର୍ଟିଫାଏଡ୍ ଅନୁଷ୍ଠାନ ଏବଂ ୟୁନିଭରସିଟି ଗ୍ରାଣ୍ଟ କମିସନ୍ ୟୁଜିସି ଆକ୍ଟ ଭାରତ ସରକାରଙ୍କ ଅଧୀନରେ ଥିବା ବିଭାଗ ୨ (ଏଫ୍) ଏବଂ ୧୨ (ବି) ଦ୍ୱାରା ସ୍ୱୀକୃତିପ୍ରାପ୍ତ ଅଟେ ।

ସିଓଏସ୍‌ଏମ୍‌ଓଡିଇ, ବି ସ୍କୁଲ୍ ୨୦୦୫ ସର୍ଭେର ଆର୍‌ସିଏମ୍ ୟୁନିଭରସିଟି ଆଫିଲିଏଟେଡ୍ କ୍ୟାଟେଗୋରୀ ଅନୁଯାୟୀ ଏହା ଦେଶର ଏକ ନମ୍ବର ବି-ସ୍କୁଲ । କ୍ରମାନୁଗତଭାବେ ପୂର୍ବ ଭାରତରେ ଆଇଆଇଏମ୍‌ସି, ଏକ୍ସଏଲଆରଆଇ, ଏକ୍ସଆଇଏମ୍‌ବି ପରେ ଚତୁର୍ଥ ସର୍ବୋତ୍ତମ ସ୍କୁଲ । ୨୦୧୫ ମସିହା ଅନୁସାରେ ସିଏସ୍ଆର୍-ଜିଏଚ୍ଆରଡିସି ସର୍ଭେ ଅନୁଯାୟୀ ଅଗ୍ରଣୀ ଅନୁଷ୍ଠାନମାନଙ୍କ ମଧ୍ୟରେ ଆର୍‌ସିଏମ୍ ଭାରତର ୧୨ତମ ଶ୍ରେଷ୍ଠ ବି-ସ୍କୁଲ ଅଟେ ଏବଂ ଏହି ଅନୁଷ୍ଠାନ ତା'ର ଶିକ୍ଷାର ଗୁଣବତ୍ତା ଏବଂ ବିଶ୍ୱସ୍ତରୀୟ ସୁବିଧାଗୁଡ଼ିକ ଯୋଗୁ ଭାରତର ସମସ୍ତ ର୍‍ୟାଙ୍କିଙ୍ଗ୍ ଏଜେନ୍ସି ଦ୍ୱାରା ଏହାର ସବୁଠାରୁ ଭଲ ବି-ସ୍କୁଲର ଅଗ୍ରଣୀ ୧% ମଧ୍ୟରୁ ଶ୍ରେଷ୍ଠ । ଆର୍‌ସିଏମ୍ ତା'ର ଅଭିନବ ଶିକ୍ଷା ପଦ୍ଧତି ନିମିତ୍ତ ନିରନ୍ତର କଠିନ ପରିଶ୍ରମ ଜାରି ରଖିଅଛି । ଆର୍‌ସିଏମ୍‌ର ଅନ୍ତର୍ଜାତୀୟ ସ୍ତରରେ ୟୁଏସ୍ଏ, ୟୁରୋପ୍, ଦକ୍ଷିଣ ଏସିଆ ଏବଂ ପୂର୍ବ ମଧ୍ୟ ଦେଶଗୁଡ଼ିକର ଅଗ୍ରଣୀ ବି-ସ୍କୁଲ ସହିତ ସହଯୋଗ ରହିଛି । ବର୍ତ୍ତମାନ ଆର୍‌ସିଏମ୍‌ର ମାର୍ଶାଲ ଗୋଲ୍ଡ ସ୍ମିଥ୍ ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ୍ ଆଲିଆଣ୍ଟ ଇଣ୍ଟରନ୍ୟାସ୍‌ନାଲ ୟୁନିଭରସିଟି, ସାଣ୍ଡିଆଗୋ, ୟୁଏସ୍ଏ, ୟୁନିଭରସିଟି ଅଫ୍ ଇଣ୍ଟରନ୍ୟାସନାଲ୍ ବିଜିନେସ୍ ଆଣ୍ଡ୍ ଇକୋନୋମିକ୍ସ, ବେଜିଙ୍ଗ୍, ଚାଇନା । ଟିଏଫ୍‌ଏଚ୍ ଡବ୍ଲୁଆଇଏଲ୍‌ଡିଏଉ, ଜର୍ମାନୀ ଏବଂ କ୍ଲାଫିନ୍ ବିଜିନେସ୍ ସ୍କୁଲ୍ ସାଉଥ୍ କାରୋଲିନା, ୟୁଏସ୍ଏ, ସ୍କୁଲ୍ ଅଫ୍ ବିଜିନେସ୍ ଆଣ୍ଡ୍ ନର୍ଥ ଷ୍ଟେଟ୍ ୟୁନିଭର୍‌ସିଟି କମିକ୍ସନ ଏକାଡେମିକ୍ ଏକ୍ସଚେଞ୍ଜ ପ୍ରୋଗ୍ରାମ ରହିଛି ।

ବିଶ୍ୱସ୍ତରୀୟ ଦକ୍ଷ ସାମାଜିକ ନେତୃତ୍ୱ ବାହୀ ବ୍ୟକ୍ତିତ୍ୱ ସୃଷ୍ଟି କରିବା ଏବଂ ଜ୍ଞାନ ବିତରଣ କରିବା ଆମର ଲିଙ୍କନ ସମସାମୟିକ ବ୍ୟବସାୟିକ ଏବଂ ସାମାଜିକ ଆହ୍ୱାନକୁ ପରିଚାଳନା, ବିଶ୍ଳେଷଣ କରିପାରୁଥିବା ନୈତିକ ଏବଂ ଦକ୍ଷ ଉଦ୍ୟୋଗୀ ସୃଷ୍ଟି କରିବାର ଲକ୍ଷକୁ ସାକାର କରିବା ଉଦ୍ଦେଶ୍ୟରେ ଅନୁଷ୍ଠାନକୁ ଆମେ ମଡେଲ ଇନ୍‌ଷ୍ଟିଚ୍ୟୁଟରେ ପରିଣତ କରିବା ଆମର ମିଶନ ।

ଛାତ୍ର ଛାତ୍ରୀମାନଙ୍କୁ ସୁସ୍ଥ ବ୍ୟବସାୟିକ ପରିଚାଳନା, ବ୍ୟବସାୟିକ ବିଶ୍ଳେଷଣ, ଦକ୍ଷତା ଏବଂ ଦକ୍ଷ ପରିଚାଳନା ନିମନ୍ତେ ପ୍ରସ୍ତୁତ କରିବା ଏବଂ ପରିବର୍ତ୍ତିତ ପରିବେଶ ଏବଂ ଆଗାମୀ ସୁବିଧା ସହିତ ନିରନ୍ତର ସମ୍ପର୍କ ରକ୍ଷା ନିମନ୍ତେ ଛାତ୍ରଛାତ୍ରୀମାନଙ୍କୁ ସୁସ୍ଥ ବୃତ୍ତିଗତ ଦକ୍ଷତା ଏବଂ ସାମାଜିକ ନୈତିକ ଗୁଣାତ୍ମକ ସୁସ୍ଥତାଭିତ୍ତିକ ଶିକ୍ଷା ପ୍ରଦାନ କରି ବିକଶିତ କରାଇବା ତଥା ବୃହତ୍ତର ବିକଶିତ ପ୍ରକ୍ରିୟା ସହିତ ଦୀର୍ଘକାଳୀନ ଅଂଶଗ୍ରହଣ ଓ ସମ୍ପୃକ୍ତି ନିମନ୍ତେ ଭବିଷ୍ୟତର ପରିଚାଳକ ସୃଷ୍ଟି କରିବା ଏହି ଶିକ୍ଷାନୁଷ୍ଠାନର ଉଦ୍ଦେଶ୍ୟ । ସେଥି ନିମନ୍ତେ ତାଲିମ, ଗବେଷଣା, କନସଲଟେନ୍ସି, ଏମଡିପି ଆକ୍ଟିଭିଟି ମାଧ୍ୟମରେ ଓ ବିଭିନ୍ନ ପ୍ରକାର ଗବେଷଣାତ୍ମକ ପ୍ରକଳ୍ପ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ସମ୍ପୃକ୍ତ କରାଯିବା ଅନୁଷ୍ଠାନର ଅନ୍ୟତମ ଉଦ୍ଦେଶ୍ୟ ।